1959
ମେ 13

ପରିଚାଳକ, ହୋଟେଲ ଇମ୍ପେରିଆଲ୍

ବନାମ

ମୁଖ୍ୟ ଆୟୁକ୍ତ ଏବଂ ଅନ୍ୟମାନେ

(ବି. ପି.ସିହ୍ନା, ପି. ବି. ଗଜେନ୍ଦ୍ରଗଡକର ଏବଂ

କେ. ଏନ୍. ୱାଞ୍ଚୁ, ନ୍ୟାୟାଧୀଶବୃନ୍ଦ )

*ଶିଳ୍ପ ବିବାଦ- ବିଚାରାର୍ଥେ ପ୍ରେରଣ ଆଦେଶ- ସଂଘ ଦ୍ୱାରା ପ୍ରତିନିଧିତ୍ୱ କରାଯାଇଥିବା ଶ୍ରମିକ- ଆନୁଷ୍ଠାନିକ ଭାବେ ତ୍ରୁଟିପୂର୍ଣ୍ଣ କି- ଶ୍ରମିକ, ଯେତେବେଳେ ବ୍ୟକ୍ତିଗତ ଭାବେ ଉଲ୍ଲେଖ କରାଯିବା ଆବଶ୍ୟକ- ଶିଳ୍ପ ବିବାଦ ଅଧିନିୟମ 1947 (14/1947) ର ଧାରା ଗୁଡିକ 2 (k), 10 ଏବଂ 36.*

ହୋଟେଲ ଏବଂ ଏହାର ଶ୍ରମିକମାନଙ୍କ ମଧ୍ୟରେ ଏକ ଶିଳ୍ପ ବିବାଦ ଉପୁଜିଥିଲା ଯାହାକୁ, ଏକ ଶିଳ୍ପ ନ୍ୟାୟାଧିକରଣଙ୍କ ନିକଟକୁ ବିଚାରାର୍ଥେ ପଠାଯାଇଥିଲା । ହୋଟେଲ ବିଚାର ପାଇଁ ପଠାଯାଇଥିବା ଆଦେଶର ଅକୃତିକୁ ବିରୋଧ କରିଥିଲେ, ମୁଖ୍ୟ ଯୁକ୍ତି ଏହା ଥିଲା ଯେ ବିଚାରାର୍ଥେ ଆଦେଶଟି, ଭାରତୀୟ ଶିଳ୍ପ ବିବାଦ ଅଧିନିୟମ ଅଧୀନରେ ସଙ୍ଘକୁ ପକ୍ଷଭୁକ୍ତ କରିପାରିବ ନାହିଁ , ହୋଟେଲରେ କାର୍ଯ୍ୟ କରୁଥିବା ବିଭିନ୍ନ ବର୍ଗର କେତେ ଶ୍ରମିକ ଏହି ବିବାଦରେ ଜଡିତ ଥିଲେ ତାହା ସୂଚିତ ନକରିବା କାରଣରୁ ବିଚାରର୍ଥେ ପ୍ରେରଣ ଆଦେଶଟି ଅନିର୍ଦ୍ଦିଷ୍ଟ ଥିଲା ।

ନିର୍ଣ୍ଣିତ ଯେ ବିଚାରାର୍ଥେ ଆଦେଶଟି ସେତେବେଳେ ସମ୍ପୂର୍ଣ୍ଣ ସକ୍ଷମ ଥିଲା ଯେତେବେଳେ ବିବାଦର ପକ୍ଷ ଏବଂ ପ୍ରକୃତି ସ୍ୱଷ୍ଟ ଭାବରେ ନିର୍ଦ୍ଦିଷ୍ଟ କରାଯାଇଥିଲା । ଅନ୍ୟଥା ବୈଧ ଥିବା ପ୍ରସଙ୍ଗଟି କେବଳ ଏହି କାରଣ ପାଇଁ ଅକ୍ଷମ ହୁଏ ନାହିଁ ଯେ, ଏଥିରେ ଉଲ୍ଲେଖ କରାଯାଇଥିଲା ଯେ ବିବାଦରେ ପକ୍ଷଭୁକ୍ତ ଶ୍ରମିକମାନଙ୍କୁ ଏହି ଏହି ସଂଘ ଦ୍ୱାରା ପ୍ରତିନିଧିତ୍ୱ କରାଯିବ । ସଂଘର ନାମ ଯୋଡ଼ାଯିବା କେବଳ ସୁବିଧା ଉଦ୍ଦେଶ୍ୟରେ ଥିଲା, ଯାହାଦ୍ୱାରା ନ୍ୟାୟାଧିକରଣ ଜାଣିପାରିବ ଯେ ପ୍ରସଙ୍ଗ ସହିତ କାରବାର କରିବା ସମୟରେ ଏହା କାହାକୁ ବିଜ୍ଞପ୍ତି ଦେବା ଉଚିତ୍; ଯାହା ଶ୍ରମିକମାନଙ୍କୁ ଅନ୍ୟ ସଂଘ ଦ୍ୱାରା ପ୍ରତିନିଧିତ୍ୱ କରିବାରେ କିମ୍ବା ବ୍ୟକ୍ତିଗତ ଭାବରେ ପକ୍ଷଭୁକ୍ତ ହେବାରେ ପ୍ରତିବନ୍ଧକ ସୃଷ୍ଟି କରେ ନାହିଁ । ଅଧିନୀୟମର ଧାରା 10 କ୍ଷେତ୍ରରେ ଏହା ଅନାବଶ୍ୟକ ହେବ ଯେଉଁଠାରେ ବିବାଦଟି ଶ୍ରମିକମାନଙ୍କ ନିଯୁକ୍ତି ସର୍ତ୍ତାବଳୀ କିମ୍ବା କିଛି ଶ୍ରମିକମାନେ ଯେଉଁମାନେ କି ସେହି ବିବାଦ ପାଇଁ ଦାୟୀ ରହିଥାଇପରନ୍ତି ଙ୍କର ଶ୍ରମ ଅବସ୍ଥା ଭଳି ସାଧାରଣ ବିଷୟ ସହ

1959
ପରିଚାଳକ, ହୋଟେଲ ଇମ୍ପେରିଆଲ୍
ବନାମ
ମୁଖ୍ୟ ଆୟୁକ୍ତ ଏବଂ ଅନ୍ୟମାନେ
ନ୍ୟାୟାଧୀଶ ୱାଞ୍ଚୁ

ଜଡ଼ିତ । ଯେଉଁଠାରେ ସଂଘ ଦ୍ୱାରା ପ୍ରତିନିଧିତ୍ୱ କରାଯାଇଥିବା ନିର୍ଦ୍ଦିଷ୍ଟ ଶ୍ରମିକଙ୍କ ବରଖାସ୍ତ ଇତ୍ୟାଦି ବିଷୟରେ ବିବାଦ ଥାଏ, ସେହି କ୍ଷେତ୍ରରେ ଶ୍ରମିକମାନଙ୍କ ନାମ ଉଲ୍ଲେଖ କରିବା ବାଞ୍ଛନୀୟ ହେବ ।

*ମାଡ୍ରାସ ରାଜ୍ୟ ବନାମ ସି. ପି. ସାରଥି, [1953] ଏସ୍.* ସି. ଆର୍. 334, ମାମଲା ଉଲ୍ଲେଖ କରାଯାଇଛି ।

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 291/1956 ।

ଦେୱାନୀ ଆଜ୍ଞାଦେଶ ଆବେଦନ ସଂଖ୍ୟା 189- D/ 1955 ରେ ଦିଲ୍ଲୀସ୍ଥିତ ପଞ୍ଜାବ ଉଚ୍ଚ ନ୍ୟାୟାଳୟଙ୍କର ସର୍କିଟ୍ ବେଞ୍ଚଙ୍କର ନଭେମ୍ବର 25,1955 ତାରିଖର ରାୟ ଏବଂ ଆଦେଶ ବିରୁଦ୍ଧରେ ବିଶେଷ ଆବେଦନ ଦ୍ୱାରା ଏହି ଆବେଦନ ।

ଆବେଦନକାରୀଙ୍କ ପାଇଁ *ଜୟ ଗୋପାଳ ସେଠୀ, ଜେ. ବି. ଦାଦାଚାଞ୍ଜି, ଏସ୍. ଏନ୍. ଆଣ୍ଡଲେ, ରାମେଶ୍ୱର ନାଥ ଏବଂ ପି. ଏଲ୍. ଭୋହରା ।*

*ଆର୍. ଏଚ୍. ଧେବର ଏବଂ ଟି. ଏମ୍. ସେନ୍,* ଉତ୍ତରଦାତା ସଂଖ୍ୟା 1ଙ୍କ ପାଇଁ ।

*ଜି. ଏସ୍. ପାଠକ, ଭି. ପି. ନାୟାର ଏବଂ ଜନାର୍ଦନ ଶର୍ମା,* ଉତ୍ତରଦାତା ସଂଖ୍ୟା 3ଙ୍କ ପାଇଁ।

1959, ମେ, 13ରେ ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଯାଇଥିଲା ।

ନ୍ୟାୟାଧୀଶ ୱାଞ୍ଚୁ - ସମ୍ବିଧାନର ଧାରା 133 (1) (a) ଏବଂ (c) ଅନୁଯାୟୀ ପଞ୍ଜାବ ନ୍ୟାୟାଳୟ ଦ୍ୱାରା ମଞ୍ଜୁର ହୋଇଥିବା ଏକ ପ୍ରମାଣପତ୍ର ଉପରେ କରାଯାଇଥିବା ଏହି ଆବେଦନଟି ଆମ ସମ୍ମୁଖକୁ ଆସିଛି । ଆବେଦନକାରୀ ହେଉଛନ୍ତି ନୂଆଦିଲ୍ଲୀ ସ୍ଥିତ ହୋଟେଲ ଇମ୍ପେରିଆଲ୍ ର ପରିଚାଳକ (ଏହା ପରେ ହୋଟେଲ କୁହାଯାଏ) ଏବଂ ଉତ୍ତରଦାତାମାନେ ହେଉଛନ୍ତି ଦିଲ୍ଲୀର ମୁଖ୍ୟ ଆୟୁକ୍ତ, ଦିଲ୍ଲୀର ଅତିରିକ୍ତ ଶିଳ୍ପ ନ୍ୟାୟାଧିକରଣ, ଏବଂ ଦିଲ୍ଲୀସ୍ଥିତ କଟ୍ରା ଶାହନଶାହି, ଚାନ୍ଦନୀ ଚୌକ ହୋଟେଲର ଶ୍ରମିକ ସଂଘ । ପ୍ରତିଦ୍ୱନ୍ଦ୍ୱିତା କରୁଥିବା ମୁଖ୍ୟ ଉତ୍ତରଦାତା ହେଉଛନ୍ତି ଉତ୍ତରଦାତା ସଂଖ୍ୟା 3 (ଏହା ପରେ ଏହାଙ୍କୁ ସଂଘ କୁହାଯାଏ) । ଅକ୍ଟୋବର 1955 ରେ ହୋଟେଲ ଏବଂ ଏହାର କର୍ମଚାରୀଙ୍କ ମଧ୍ୟରେ ଏକ ବିବାଦ ସୃଷ୍ଟି ହୋଇଥିଲା । ଦିଲ୍ଲୀର ମୁଖ୍ୟ ଆୟୁକ୍ତଙ୍କ ଦ୍ୱାରା ଅକ୍ଟୋବର 12,1955 ରେ ଏହାକୁ ଏକ ଶିଳ୍ପ ନ୍ୟାୟାଧିକରଣଙ୍କ ନିକଟକୁ ପଠାଯାଇଥିଲା । ଆମ ଉଦ୍ଦେଶ୍ୟ ପାଇଁ ପ୍ରାସଙ୍ଗିକ ବିଚାରର୍ଥେ ପ୍ରେରଣ ଆଦେଶର ଅଂଶ ଏହି ବର୍ଣନାରେ ରହିଛି -

" ଶିଳ୍ପ ଏବଂ ଶ୍ରମ ନିର୍ଦ୍ଦେଶକ, ଦିଲ୍ଲୀଙ୍କ ଦ୍ଵାରା, ସଂଶୋଧିତ ଶିଳ୍ପ ବିବାଦ ଅଧିନିୟମ 1947 ର ଧାରା 12 (4) ଅନୁଯାୟୀ ଦାଖଲ ହୋଇଥିବା ଏକ ରିପୋର୍ଟରୁ, ଏହା ପ୍ରତୀୟମାନ ଯେ ଇମ୍ପେରିଆଲ୍ ହୋଟେଲ, ନୂଆଦିଲ୍ଲୀର ପରିଚାଳନା ଏବଂ ହୋଟେଲ କର୍ମଚାରୀ ମାନଙ୍କୁ ପ୍ରତିନିଧିତ୍ଵ କରୁଥିବା, କଟ୍ରା ଶାହନଶାହି, ଚାନ୍ଦନୀ ଚୌକ, ଦିଲ୍ଲୀ ସଂଘ ମଧ୍ୟରେ ଏକ ଶିଳ୍ପ ବିବାଦ ବିଦ୍ୟମାନ; ଏବଂ ଉକ୍ତ ତଥ୍ୟର ବିଚାର ଆଧାରରେ ସନ୍ତୁଷ୍ଟ ହୋଇ ଦିଲ୍ଲୀର ମୁଖ୍ୟ ଆୟୁକ୍ତ, ବିବାଦଟିକୁ ଏକ ନ୍ୟାୟାଧିକାରଣଙ୍କୁ ପଠାଇଥିଲେ ।"

ତା 'ପରେ ବିବାଦଟିକୁ, ଦିଲ୍ଲୀର ଅତିରିକ୍ତ ଶିଳ୍ପ ନ୍ୟାୟାଧିକରଣଙ୍କ ନିକଟକୁ ପଠାଇବାର ଆଦେଶଟି ଅନୁସରଣ କରେ, ଯେଉଁଥିରେ ପ୍ରେରଣ ସର୍ତ୍ତାବଳୀ ଅନ୍ତର୍ଭୁକ୍ତ ଥିଲା । ଏହାର ତୁରନ୍ତ ପରେ ହୋଟେଲଟି ବିଚାରର୍ଥେ ପ୍ରେରଣ ଆଦେଶକୁ ବିଭିନ୍ନ ଆଧାରରେ ଆହ୍ଵାନ କରି ଆଜ୍ଞାଦେଶ ଆବେଦନ ଦାଖଲ କରିଥିଲେ । ଆଜ୍ଞାଦେଶ ଆବେଦନଟି ଉଚ୍ଚ ନ୍ୟାୟାଳୟଙ୍କ ଦ୍ଵାରା ଶୁଣାଣି କରାଯାଇଥିଲା ଏବଂ ନ୍ୟାୟାଳୟ ନଭେମ୍ବର, 25, 1955ରେ ଏହାକୁ ଖାରଜ କରିଦେଇଥିଲେ । ଏହା ପରେ ହୋଟେଲ ଏହି ନ୍ୟାୟାଳୟରେ ଅନୁମତି ପାଇଁ ଆବେଦନ କରିଥିଲେ, ଯାହା ଜାନୁଆରୀ, 13,1956 ରେ ମଞ୍ଜୁର ହୋଇଥିଲା । ହୋଟେଲ ଏହି ନ୍ୟାୟାଳୟରୁ 27 ଫେବୃଆରୀ 1956 ରେ ଅତିରିକ୍ତ ଶିଳ୍ପ ନ୍ୟାୟାଧିକରଣ ନିକଟରେ ଚାଲୁଥିବା କାର୍ଯ୍ୟାନୁଷ୍ଠାନର ସ୍ଥଗିତାଦେଶ ଗ୍ରହଣ କରିଥିଲା । ଏହିପରି ଭାବରେ ଏହି ବିବାଦ ଯାହାର ନିଷ୍ପତି ବହୁ ପୂର୍ବରୁ ନିଆଯାଇ ପରିଥାନ୍ତା ତାହା ଏପର୍ଯ୍ୟନ୍ତ ଏହାର ପ୍ରାରମ୍ଭିକ ପର୍ଯ୍ୟାୟରେ ଅଛି ।

ହୋଟେଲ ତରଫରୁ ଉଠାଯାଇଥିବା ମୁଖ୍ୟ ଯୁକ୍ତିଟି ହେଉଛି ଯେ ବିଚାରର୍ଥେ ପ୍ରେରଣଟି ଅକ୍ଷମ ଏବଂ ଏହାର ସମର୍ଥନରେ ଦୁଇଟି ଆଧାରରେ ଅନୁରୋଧ କରାଯାଇଛି; ଯଥା, (1) ଶିଳ୍ପ ବିବାଦ ଅଧିନିୟମ 1947 (ଏହା ପରେ ଏହାକୁ ଅଧିନିୟମ କୁହାଯାଏ) ଅନୁଯାୟୀ ସଙ୍ଘକୁ ପ୍ରସଙ୍ଗରେ ଏକ ପକ୍ଷ କରାଯାଇପାରିବ ନାହିଁ; ଏବଂ (2) ଏହା ହୋଟେଲରେ କାର୍ଯ୍ୟ କରୁଥିବା ତିରିଶଟି ଭିନ୍ନ ବର୍ଗର 480 ଜଣ ଶ୍ରମିକଙ୍କ ମଧ୍ୟରୁ କେତେଜଣ ବିବାଦରେ ଜଡିତ ଥିଲେ ତାହା ସୂଚିତ କରିନଥିବା କାରଣରୁ ପ୍ରେରଣଟି ଅସ୍ପଷ୍ଟ ଥିଲା । ଆମର ମତ ହେଉଛି ଯେ ଆପତ୍ତିର ଏହି ଆଧାରରେ କୌଣସି ଶକ୍ତି ନାହିଁ। ଆମର ଉଦ୍ଦେଶ୍ୟ ପାଇଁ ଏକ "ଶିଳ୍ପ ବିବାଦ" କୁ ଅଧିନିୟମର ଧାରା 2 (k) ରେ ପରିଭାଷିତ କରାଯାଇଛି, ସେଥିରେ ଏହାର ଅର୍ଥ ହେଉଛି "ନିଯୁକ୍ତିଦାତା ଏବଂ ଶ୍ରମିକଙ୍କ ମଧ୍ୟରେ କୌଣସି ବିବାଦ କିମ୍ବା ମତଭେଦ, ଯାହା କୌଣସି ବ୍ୟକ୍ତିଙ୍କ ନିଯୁକ୍ତି କିମ୍ବା ଅଣ-

1959
ପରିଚାଳକ, ହୋଟେଲ ଇମ୍ପେରିଆଲ୍ ବନାମ ମୁଖ୍ୟ ଆୟୁକ୍ତ ଏବଂ ଅନ୍ୟମାନେ
ନ୍ୟାୟାଧୀଶ ୱାଞ୍ଚୁ

ନିଯୁକ୍ତି କିମ୍ବା ନିଯୁକ୍ତି ସର୍ତ୍ତାବଳୀ କିମ୍ବା ଶ୍ରମ ସର୍ତ୍ତାବଳୀ ବିଷୟ ସହିତ ଜଡିତ ଥିଲା । "ଅଧିନିୟମର ଧାରା 10 (1) ଉପଯୁକ୍ତ କର୍ତ୍ତୃପକ୍ଷଙ୍କୁ କିଛି କ୍ଷମତା ପ୍ରଦାନ କରେ ଯେଉଁଠାରେ ଏହା ମତ ଥାଏ ଯେ ଏକ ଶିଳ୍ପ ବିବାଦ ବିଦ୍ୟମାନ ଅଛି କିମ୍ବା ବିବାଦକୁ ନ୍ୟାୟ ବିଚାର ପାଇଁ ଏକ ନ୍ୟାୟାଧିକରଣଙ୍କ ନିକଟକୁ ପଠାଇବା ପାଇଁ ବିଚାର କରାଯାଏ । ଏହି ମାମଲାର ତଥ୍ୟ ଆଧାରରେ ଏହା ଅସ୍ୱୀକାର କରାଯାଇପାରିବ ନାହିଁ ଯେ ହୋଟେଲ ଏବଂ ଏହାର ଶ୍ରମିକମାନଙ୍କ ମଧ୍ୟରେ ବିବାଦ ହୋଇଥିଲା ଏବଂ ଏହା ଏତେ ଦୂର ପର୍ଯ୍ୟନ୍ତ ଯାଇଥିଲା ଯେ ହୋଟେଲ ଅକ୍ଟୋବର, 7,1955 ରେ ବହୁ ସଂଖ୍ୟକ ଶ୍ରମିକଙ୍କୁ ବରଖାସ୍ତ କରିବାକୁ ନିଷ୍ପତ୍ତି ନେଇଥିଲା । ଏହା ମଧ୍ୟ ନିଃସନ୍ଦେହ ଯେ ଏହି ବିବାଦ ଶ୍ରମିକମାନଙ୍କ ନିଯୁକ୍ତି ସର୍ତ୍ତାବଳୀ କିମ୍ବା ଶ୍ରମ ଅବସ୍ଥା ସମ୍ବନ୍ଧରେ ଥିଲା । ତେଣୁ ମୁଖ୍ୟ ଆୟୁକ୍ତଙ୍କ ପାଖରେ ଅଧିନିୟମ 10 (1) ଅନୁଯାୟୀ ବିବାଦକୁ ବିଚାର ପାଇଁ ଏକ ନ୍ୟାୟାଧିକରଣକୁ ପଠାଇବା ପାଇଁ କ୍ଷମତା ରହିବ । ହୋଟେଲର ପ୍ରତିବାଦ, ପ୍ରସଙ୍ଗରେ ଗ୍ରହଣ କରାଯାଇଥିବା ପ୍ରଣାଳୀ ଉପରେ ଥିଲା ଏବଂ ଯୁକ୍ତି ଥିଲା ଯେ ବିଚାରର୍ଥେ ପ୍ରେରଣଟି ଏହି ପ୍ରଣାଳୀରେ ଥିବାରୁ ଅକ୍ଷମ ଅଟେ । ଆମେ ପ୍ରେରଣ ଆଦେଶର ପ୍ରାସଙ୍ଗିକ ଅଂଶକୁ ସ୍ଥିର କରିଛୁ ଯାହାଦ୍ୱାରା ଏହାର ପ୍ରଣାଳୀ ପ୍ରସ୍ତୁତ କରାଯାଇଥିଲା । ବିବାଦର ଦୁଇ ପକ୍ଷଙ୍କୁ ସ୍ପଷ୍ଟ ଭାବେ ସୂଚିତ କରାଯାଇଛି, ଯଥା, (1) ହୋଟେଲର ପରିଚାଳନା କରୁଥିବା ନିଯୁକ୍ତିଦାତା ଏବଂ (2) ହୋଟେଲରେ ନିଯୁକ୍ତ ଶ୍ରମିକ । ତଥାପି, ଆପତ୍ତି ହେଉଛି ଯେ "ହୋଟେଲ କର୍ମଚାରୀ ସଂଘ, କଟରା ଶାହାନସାହି, ଚାନ୍ଦନୀ ଚୌକ, ଦିଲ୍ଲୀ ଦ୍ୱାରା ପ୍ରତିନିଧିତ୍ୱ କରାଯାଇଥିବା" ଶବ୍ଦଗୁଡ଼ିକ ଯାହା ପ୍ରେରଣ ଆଦେଶରେ ଦେଖାଯାଏ, ତାହା ଏହାକୁ ଅଯୋଗ୍ୟ କରିଥାଏ, ଏବଂ ସଙ୍ଘକୁ ବିବାଦରେ ଏକ ପକ୍ଷ ଭାବରେ ଅନ୍ତର୍ଭୁକ୍ତ କରିବାରୁ ବଞ୍ଚିତ କରେ । ଆମ ମତରେ ଏହି ପ୍ରତିବାଦଟି ଏକ ପ୍ରୟୋଗାତ୍ମକ ବିଷୟ ଅଟେ, ଯାହା ପ୍ରେରଣ ଆଦେଶର ଯୋଗ୍ୟତାକୁ ପ୍ରଭାବିତ କରିନଥାଏ । ବାସ୍ତବତା ହେଉଛି ଯେ ଯେଉଁ ବିବାଦକୁ ବିଚାର ପାଇଁ ପଠାଯାଇଥିଲା ତାହା ନିଯୁକ୍ତିଦାତା ଅର୍ଥାତ ହୋଟେଲର ପରିଚାଳନା ଏବଂ ଏହାର କର୍ମଚାରୀମାନେ, ଯେଉଁମାନଙ୍କୁ ଏହାର କର୍ମଚାରୀ ବୋଲି ଉଲ୍ଲେଖ କରାଯାଇଥିଲା ଙ୍କ ମଧ୍ୟରେ ଥିଲା । "ହୋଟେଲ କର୍ମଚାରୀ ସଂଘ, କଟ୍ରା ଶାହନଶାହି, ଚାନ୍ଦନୀ ଚୌକ୍, ଦିଲ୍ଲୀ ଦ୍ୱାରା ପ୍ରତିନିଧିତ୍ୱ କରାଯାଇଥିବା ଶବ୍ଦଗୁଡ଼ିକର ଯୋଗ କେବଳ ସୁବିଧା ପାଇଁ ଥିଲା ଯାହା ଦ୍ୱାରା ନ୍ୟାୟାଧିକରଣ ଜାଣି ପାରିବ ଯେ ପ୍ରସଙ୍ଗ ସହିତ ବିଚାର କରିବା ପାଇଁ ଅଗ୍ରସର ହେବା ସମୟରେ କାହାକୁ ବିଜ୍ଞପ୍ତି ଦେବା ଉଚିତ୍ । ଯଦି ଶ୍ରମିକମାନେ ସେମାନେ ଅନ୍ୟ କୌଣସି ସଂଘ ଦ୍ୱାରା ପ୍ରତିନିଧିତ୍ୱ କରିବାକୁ ଚାହାଁନ୍ତି, ଏପରି ପ୍ରତିନିଧିତ୍ୱ ପାଇଁ ନ୍ୟାୟାଧିକରଣକୁ ଆବେଦନ କରିବାକୁ କିମ୍ବା ବ୍ୟକ୍ତିଗତ ଭାବରେ ପକ୍ଷ

ହେବା ପାଇଁ ଆବେଦନ କରିବାକୁ ଏହା ବାରଣ କରିନଥିଲା । ଅଧିନିୟମ ଧାରା 36 ରେ ବ୍ୟବସ୍ଥା ରହିଛି ଯେ କୌଣସି ବିବାଦରେ ପକ୍ଷ ହୋଇଥିବା ଜଣେ ଶ୍ରମିକ ଏହି ଅଧିନିୟମ ଅନୁଯାୟୀ କୌଣସି କାର୍ଯ୍ୟାନୁଷ୍ଠାନରେ (a) ଯେଉଁ ବାଣିଜ୍ୟ ସଂଘର ସେ ସଦସ୍ୟ, ସେହି ବାଣିଜ୍ୟ ସଂଘର ଜଣେ ଅଧିକାରୀଙ୍କ ଦ୍ୱାରା କିମ୍ବା (b) ଯେଉଁ ବାଣିଜ୍ୟ ସଂଘର ସେ ସଦସ୍ୟ, ସେହି ବାଣିଜ୍ୟ ସଂଘର ମହାସଙ୍ଘ ର ଜଣେ ଅଧିକାରୀ; କିମ୍ବା (c) ଯେଉଁଠାରେ ଶ୍ରମିକମାନେ କୌଣସି ବାଣିଜ୍ୟ ସଂଘର ସଦସ୍ୟ ନୁହଁନ୍ତି, ସେହି ବାଣିଜ୍ୟ ସଂଘ ସହିତ ଜଡିତ କୌଣସି ଅଧିକାରୀ କିମ୍ବା ଶ୍ରମିକ ଜଣକ ନିଯୁକ୍ତ ଥିବା ଶିଳ୍ପପ୍ରତିଷ୍ଠାନରେ ନିଯୁକ୍ତ ଅନ୍ୟ କୌଣସି ଶ୍ରମିକଙ୍କ ଦ୍ୱାରା ପ୍ରତିନିଧିତ୍ୱ କରିବାର ଅଧିକାର ରହିବ । ତେଣୁ ବାସ୍ତବରେ, ବିଚାରାର୍ଥେ ପ୍ରେରଣ ଆଦେଶରେ ଯୋଗ କରାଯାଇ ଥିବା ଶବ୍ଦ ଗୁଡିକ କର୍ମଚାରୀ ମାନଙ୍କ ବିଜ୍ଞପ୍ତି କାହା ନିକଟକୁ ପଠାଯିବ ବିଷୟର ସୁଲଭତା ପାଇଁ କରାଯାଇଥିଲା ଏବଂ ଏହା ଆମ ମତରେ ବିଚାରର୍ଥେ ପ୍ରେରଣକୁ ଅଯୋଗ୍ୟ କରେ ନାହିଁ । ଆହୁରି ଆପତ୍ତି ହେଉଛି ଯେ ଯଦିଓ ଶ୍ରମିକ ,ଯେଉଁ ବାଣିଜ୍ୟ ସଂଘର ସଦସ୍ୟ ଥିବେ, ତାହାର ଜଣେ ଅଧିକାରୀଙ୍କ ଦ୍ୱାରା ପ୍ରତିନିଧିତ୍ୱ କରିବାକୁ ହକଦାର ଥିଲେ କିନ୍ତୁ ଏହି ମାମଲାରେ ପ୍ରେରଣଟି ବାଣିଜ୍ୟ ସଂଘର କୌଣସି ଅଧିକାରୀଙ୍କ ବିଷୟରେ ଉଲ୍ଲେଖ ନକରି କେବଳ ସଂଘ ବିଷୟରେ ଉଲ୍ଲେଖ କରେ। ଏହା ଆମ ମତରେ ପ୍ରୟୋଗାତ୍ମକ ବିଷୟ ଉପରେ ଆଉ ଏକ ପ୍ରୟୋଗ, କାରଣ ସଂଘ ଏକ ଜୀବନ୍ତ ବ୍ୟକ୍ତି ନ ଥିବାରୁ କେବଳ କିଛି ଅଧିକାରୀଙ୍କ ମାଧ୍ୟମରେ ଏହା ନିକଟକୁ ବିଜ୍ଞପ୍ତି ପଠାଯାଇପାରିବ ଯେପରିକି ଏହାର ସଭାପତି କିମ୍ବା ସଚିବ ଏବଂ ସେହି ଅଧିକାରୀ ଯିଏ ପ୍ରକୃତରେ ନ୍ୟାୟାଧିକରଣ ସମ୍ମୁଖରେ ଶ୍ରମିକମାନଙ୍କୁ ପ୍ରତିନିଧିତ୍ୱ କରିବେ । ଆମ ମତରେ ବୈଧ ଥିବା ସନ୍ଦର୍ଭଟି, କେବଳ ଏଥିପାଇଁ ଅକ୍ଷମ ହୁଏ ନାହିଁ କାରଣ ସେଥିରେ ଉଲ୍ଲେଖ କରାଯାଇଛି ଯେ ବିବାଦରେ ଶ୍ରମିକମାନେ ଏହି, ଏବଂ କେବଳ ଏହି ସଂଘ ଦ୍ୱାରା ପ୍ରତିନିଧିତ୍ୱ କରାଯିବେ । ଏହି ସମ୍ବନ୍ଧରେ ଆମେ ସୂଚାଇ ପାରିବା ଯେ ଏହି ଅଧିନିୟମ ଅନୁଯାୟୀ ଆମେ ପାଇଥିବା ଅଧିକାଂଶ ବିଚାରର୍ଥେ ପ୍ରେରଣ ସାଧାରଣତଃ ଏହି ରୂପରେ ରହିଛି ଏବଂ ଏହାର କାରଣ ସ୍ପଷ୍ଟ ଯେ ନ୍ୟାୟାଧିକରଣକୁ ଜଣାଇବାକୁ ପଡିବ ଯେ ଏତେ ସଂଖ୍ୟାରେ ଥିବା ଶ୍ରମିକମାନଙ୍କ ପାଇଁ ବିଜ୍ଞପ୍ତି କାହା ନିକଟକୁ ପଠାଯିବ । ତେଣୁ ଆମେ ଏହି ଯୁକ୍ତିକୁ ପ୍ରତ୍ୟାଖ୍ୟାନ କରୁଛୁ ଯେ ପ୍ରେରଣଟି କେବଳ ଏହି ଆଧାରରେ ଅଯୋଗ୍ୟ ହେବ ଯେ ଏଥିରେ "ହୋଟେଲ କର୍ମଚାରୀ ସଂଘ, କଟରା ଶାହାନସାହି, ଚାନ୍ଦନୀ ଚୌକ, ଦିଲ୍ଲୀ ଦ୍ୱାରା ପ୍ରତିନିଧିତ୍ୱ କରାଯାଇଥିବା ପରି" ଶବ୍ଦ ଯୋଡାଯାଇଛି ।

ସମାନ ଭାବରେ, ଆମେ ପ୍ରତିବାଦର ଅନ୍ୟ ଆଧାରରେ କୌଣସି ଶକ୍ତି ଦେଖୁନାହୁଁ, ଯଥା, ପ୍ରେରଣଟି ଖରାପ କାରଣ ଏହା ନିର୍ଦ୍ଦିଷ୍ଟ ଭାବରେ ସୂଚିତ କରି ନାହିଁ ଯେ ତିରିଶଟି ଭିନ୍ନ ବର୍ଗର 480 ଜଣ ଶ୍ରମିକଙ୍କ ମଧ୍ୟରୁ କେତେ ଜଣ ବିବାଦରେ ଜଡିତ ଥିଲେ । ଆମ ମତରେ ଏହା ଅଧିନିୟମର ଧାରା 10 କ୍ଷେତ୍ରରେ ଅନାବଶ୍ୟକ ହେବ, ଯେଉଁଠାରେ ବିବାଦଟି ଶ୍ରମିକମାନଙ୍କ ନିଯୁକ୍ତି ସର୍ତ୍ତାବଳୀ କିମ୍ବା କିଛି ଶ୍ରମିକମାନେ ଯେଉଁମାନେ କି ସେହି ବିବାଦ ପାଇଁ ଦାୟୀ ରହିଥାଇପାରନ୍ତି ଙ୍କର ଶ୍ରମ ଅବସ୍ଥା ଭଳି ସାଧାରଣ ବିଷୟ ପରି ଜଡ଼ିତ ବିଷୟ ସହ ଜଡ଼ିତ ଥିଲା । ଯେତେବେଳେ କୌଣସି ବିବାଦ ସଂଘ ଦ୍ୱାରା ପ୍ରତିନିଧିତ୍ୱ କରାଯାଉଥିବା ନିର୍ଦ୍ଦିଷ୍ଟ ଶ୍ରମିକମାନଙ୍କୁ ବରଖାସ୍ତ କରିବା ଇତ୍ୟାଦି ବିଷୟରେ ଉଲ୍ଲେଖ କରେ, ସେତେବେଳେ ସମ୍ପୃକ୍ତ ଶ୍ରମିକମାନଙ୍କ ନାମ ଉଲ୍ଲେଖ କରିବା ବାଞ୍ଛନୀୟ ହୋଇପାରେ । ଏହି ମାମଲାରେ, ବିବାଦ ସେହି ଶ୍ରମିକମାନଙ୍କ ବିଷୟରେ ମଧ୍ୟ ଥିଲା, ଯେଉଁମାନଙ୍କୁ ବରଖାସ୍ତ ଆଦେଶର ବିଜ୍ଞପ୍ତି ଦିଆଯାଇଥିଲା ଏବଂ ସେହି ସମ୍ବନ୍ଧରେ ସମ୍ପୃକ୍ତ ଶ୍ରମିକମାନଙ୍କ ନାମ ବିଚାରର୍ଥେ ପ୍ରେରଣ କ୍ରମରେ ଉଲ୍ଲେଖ କରାଯାଇଥିଲା । ଆମେ ଏହା ସମ୍ବନ୍ଧରେ ମାଡ୍ରାସ ରାଜ୍ୟ ବନାମ ସି. ପି. ସାରଥି (')ମାମଲା ବିଷୟରେ ଉଲ୍ଲେଖ କରିପାରିବା, ଯେଉଁଠାରେ ଅସ୍ପଷ୍ଟତା ଆଧାରରେ ଏକ ପ୍ରେରଣର ଯୋଗ୍ୟତା ଉପରେ ସମାନ ପ୍ରତିବାଦ କରାଯାଇଥିଲା । ସେହି କ୍ଷେତ୍ରରେ ପ୍ରେରଣଟି ଏହି ସର୍ତ୍ତାବଳୀରେ ଥିଲା: "ଯେହେତୁ କିଛି ବିଷୟକୁ ନେଇ ମାଡ୍ରାସ ସହରରେ ସିନେମା ଟକି ଗୁଡ଼ିକର ଶ୍ରମିକ ଏବଂ ପରିଚାଳନା ସଂସ୍ଥା ମଧ୍ୟରେ ଏକ ଶିଳ୍ପ ବିବାଦ ସୃଷ୍ଟି ହୋଇଛି;

"ଏବଂ ଯେହେତୁ ମାଡ୍ରାସର ମହାମହିମ ରାଜ୍ୟପାଳଙ୍କ ମତ ଅନୁସାରେ ଉକ୍ତ ଶିଳ୍ପ ବିବାଦକୁ ବିଚାର ପାଇଁ ପଠାଇବା ଆବଶ୍ୟକ;

ଏହା ପରେ ବିଚାରର୍ଥେ ପ୍ରେରଣ ଆଦେଶ ପ୍ରଦାନ କରାଯାଇଥିଲା, ଯେଉଁଥିରେ ପ୍ରେରଣ ସର୍ତ୍ତାବଳୀ ମଧ୍ୟ ନଥିଲା । ତେବେ ଆଦେଶଟି ଏହା ଦର୍ଶାଯାଇଛି ଯେ "ଶିଳ୍ପ ନ୍ୟାୟାଧିକରଣ, ନିଜ ଇଚ୍ଛାନୁସାରେ, ଏହାଙ୍କ ଦ୍ୱାରା କରାଯାଇଥିବା ଏକ ପ୍ରାଥମିକ ଅନୁସନ୍ଧାନର ମାର୍ଗଦର୍ଶିକରେ ସମସ୍ୟାର ସମାଧାନ କରିପାରିବ, ଏବଂ ତା" ପରେ ଉକ୍ତ ଶିଳ୍ପ ବିବାଦ ଉପରେ ବିଚାର କରିପାରିବେ । "ଶ୍ରମ ଆୟୁକ୍ତଙ୍କୁ ଆଦେଶର ନକଲ ସମ୍ପୃକ୍ତ ସିନେମା ଟକିଗୁଡ଼ିକର ପରିଚାଳନାକୁ ପଠାଇବାକୁ ଅନୁରୋଧ କରାଯାଇଥିଲା । ସେଠାରେ ନିର୍ଣ୍ଣିତ ହୋଇଥିଲା ଯେ "1947 ମସିହାର ଶିଳ୍ପ ବିବାଦ ଅଧିନିୟମର ଧାରା 10 (1) ଅନୁଯାୟୀ ନ୍ୟାୟାଧିକରଣଙ୍କୁ ଉଲ୍ଲେଖ କରାଯାଇଥିବା ପ୍ରେରଣଟି କେବଳ ଏହି କାରଣରୁ ଅବୈଧ କୁହାଯାଇପାରିବ ନାହିଁ ଯେ ଏଥିରେ ବିବାଦଗୁଡ଼ିକୁ ନିର୍ଦ୍ଦିଷ୍ଟ କରାଯାଇ ନଥିଲା " ଆହୁରି ମଧ୍ୟ ନିର୍ଣ୍ଣୟ କରାଯାଇଥିଲା ଯେ "ଏହି ଅଧିନିୟମର ଅର୍ଥ

ଆଧାରରେ ଏହା ଏକ ଶିଳ୍ପ ବିବାଦ ବୋଲି ସନ୍ତୁଷ୍ଟ ହେବା ପାଇଁ ସରକାର ନିଶ୍ଚିତ ଭାବରେ ବିବାଦର ପ୍ରକୃତି ବିଷୟରେ ଯଥେଷ୍ଟ ଜ୍ଞାନ ରଖିବା ଆବଶ୍ୟକ, ଉଦାହରଣ ସ୍ୱରୂପ, ଏହା ଛଟେଇ କିମ୍ବା ପୁନଃସ୍ଥାପନ ବିଷୟ ସହିତ ଜଡିତ। କିନ୍ତୁ, ଏହା ବ୍ୟତୀତ ଧାରା 10 (1) ଅନୁଯାୟୀ ଏକ ବିଚାରର୍ଥେ ପ୍ରେରଣ ଦେବା ପୂର୍ବରୁ କିମ୍ବା ଆଦେଶରେ ସେଗୁଡ଼ିକୁ ସୂଚିତ କରିବା ପୂର୍ବରୁ ସରକାରଙ୍କ ଉପରେ ବିବାଦଗୁଡ଼ିକର ବିବରଣୀ ନିର୍ଦ୍ଧାରଣ କରିବା ପରି କୌଣସି ଦାୟିତ୍ୱ ନ୍ୟସ୍ତ କରାଯାଇପାରିବ ନାହିଁ ।

ସେହି ମାମଲାର ପ୍ରେରଣ ତୁଳନାରେ ବର୍ତ୍ତମାନର ପ୍ରେରଣକୁ ଆଦୌ ଅଯୋଗ୍ୟ କୁହାଯାଇପାରିବ ନାହିଁ । ଏଠାରେ ବିବାଦର ପକ୍ଷମାନଙ୍କୁ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି, ଯଥା, (i) ହୋଟେଲର ପରିଚାଳନା ଏବଂ (ii) ଏହାର କର୍ମଚାରୀ । ବିବାଦର ପ୍ରକୃତି ମଧ୍ୟ ପ୍ରେରଣ ସର୍ତ୍ତାବଳୀରେ ନିର୍ଦ୍ଦିଷ୍ଟ ହୋଇଛି । ଆମ ମତରେ, ବିବାଦ ପାଇଁ ଦାୟୀ କେଉଁ ଶ୍ରମିକମାନେ ଦାୟୀ ଥିଲେ ସେ ବିଷୟରେ ପ୍ରେରଣ ଆଦେଶରେ ଉଲ୍ଲେଖ କରିବା ଅନାବଶ୍ୟକ ଥିଲା ତେଣୁ ଆମର ମତ ହେଉଛି ଯେ ଅସ୍ପଷ୍ଟତା ଆଧାରରେ ଏହି ପ୍ରତିବାଦ ମଧ୍ୟ ବିଫଳ ହୋଇଛି । ଏହା ଆବେଦନରେ କୌଣସି ଶକ୍ତି ନହିଁ ଏବଂ ଏହା ଏତଦ୍ୱାରା ଉତ୍ତରଦାତା ସଂଖ୍ୟା 3 କୁ ଖର୍ଚ୍ଚ ସହିତ ଖାରଜ ହୋଇଛି। ବିଚାରାର୍ଥେ ପ୍ରେରଣ କରାଯିବାର ତିନି ବର୍ଷରୁ ଅଧିକ ସମୟ ବିତିଗଲାଣି, ଏହି ସତ୍ୟକୁ ଦୃଷ୍ଟିରେ ରଖି, ଆମେ ବିଶ୍ୱାସ କରୁ ଯେ ଅତିରିକ୍ତ ଶିଳ୍ପ ନ୍ୟାୟାଧିକରଣ ବର୍ତ୍ତମାନ ଏହି ମାମଲାର ଯଥାଶୀଘ୍ର ସମାଧାନ କରିବେ ।

ଆବେଦନକୁ ଖାରଜ କରାଗଲା

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର :
ମଦନ ମୋହନ ଭୂୟାଁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।